# Akashvani, Sambalpur

## SAMBALPURI NEWS EVENING BULLETIN

**26 April 2025- 7.02 pm- 7.12 pm.**

*******************************************

୧- ରାଷ୍ଟ୍ରନିର୍ମାଣଥି ଯୁବଗୋଷ୍ଠୀଙ୍କର୍ ଭାଗିଦାର୍ ଲାଗି ଭାରତ୍ ପୁର୍ଥି ନ ସ୍ୱତନ୍ତ୍ର ପରିଚୟ ପାଉଛେ- କହେଲେ ପ୍ରଧାନ୍‌ମନ୍ତ୍ରୀ ।

- ନୂଆଁକରି ନିଯୁକ୍ତି ପାଇଥିବା ୫୧ ହଜାର୍‌ନୁ ଅଏତ୍‌କା ଯୁଆନ୍ ପିଲା ଟୁକେଲ୍‌ମାନ୍‌କୁ ବାଂଟ୍‌ଲେ ନିଯୁକ୍ତି ପତ୍ର ।

୨- ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍‌ଥି ଆଏବା କାଏଲ୍ ଦେଶ୍‌ବାସୀଙ୍କର୍ ସଙ୍ଗେ ବିଚାର୍ ବିନିମୟ କର୍‌ବେ ପ୍ରଧାନ୍‌ମନ୍ତ୍ରୀ ।

୩- ରୋମ୍‌ର ଭାଟିକାନ୍ ସିଟିଠାନେ ସର୍‌ଲା ପୋପ୍ ଫ୍ରାନ୍‌ସିସ୍‌ଙ୍କର୍ ଅନ୍ତିମ୍ ସତ୍କାର୍ ।

୪- ପ୍ରାଣୀ ମାନ୍‌କର୍ ସ୍ୱାସ୍ଥ୍ୟ ଲାଗି ସଂଗଠିତ୍ ପଦକ୍ଷେପ୍‌ର ଆବଶ୍ୟକତା ବାର୍ତା ନେଇକରି ପାଲନ୍ ହେଲା ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ୍ ।

ଆଉର୍

୫- ରାଏଜେ ଆଏବା କାଏଲ୍‌ତକ୍ ଜାରି ରହେବା ଜବର୍ ଖରା ।

ରୋଜ୍‌ଗାର୍ ମେଳା- ପ୍ରଧାନ୍‌ମନ୍ତ୍ରୀ

ଆର୍‌ଏନ୍‌ୟୁ ସମ୍ବଲପୁର/ ପି.ଆଇ.ବି.

ଦେଶ୍ ଗଠନ୍‌ଥି ଯୁଆନ୍ ବର୍ଗଙ୍କର୍ ଭାଗିଦାରୀର୍ ଲାଗି ଭାରତ୍ ପୁର୍‌ଥି ନ ଗୁଟେ ଖାସ୍ ପରିଚୟ ପାଏବାର୍ ସହେତେ ବିକାଶ୍‌ର ରାହାଥି ଗତି କରୁଛେ ବଲି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ । କେନ୍ଦ୍ର ସର୍‌କାର୍‌ଙ୍କର୍ ଭିନ୍ ଭିନ୍ ବିଭାଗ୍ ଆଉ ପ୍ରତିଷ୍ଠାନ୍‌ଥି ନୂଆଁକରି ନିଯୁକ୍ତି ପାଇଥିବା ୫୧ ହଜାର୍‌ନୁ ଅଏତ୍‌କା ଲୁକ୍‌କୁ ଭିଡ଼ିଓ କନ୍‌ଫରେନ୍ସିଂ ଜରିଏ ନିଯୁକ୍ତି ପତ୍ର ବାଂଟିକରି ଶ୍ରୀ ମୋଦୀ କହିଛନ, କଡ଼ା ପରିଶ୍ରମ୍ ଆଉ ଉଦ୍ଭାବନ୍ ଜରିଏ ଯୁଆନ୍ ପିଢ଼ି ଦେଶେ ରହିଥିବା ସମ୍ଭାବନା ବାବ୍‌ଦେ ବିଶ୍ୱକେ ଜନଉଛନ୍ । ପ୍ରଧାନ୍‌ମନ୍ତ୍ରୀ କହିଛନ୍, ବଜେଟ୍‌ଥି ସର୍‌କାର୍‌ଙ୍କର୍ ତର୍‌ଫୁ ଉତ୍ପାଦନ୍ କ୍ଷେତ୍ରକେ ମିଶନ୍ ମୋଡ୍‌ଥି କାର୍ଯ୍ୟକାରୀ କର୍‌ବାର୍ ଲାଗି ବ୍ୟବସ୍ଥା କରାଯାଇଛେ । ମେକ୍ ଇନ୍ ଇଣ୍ଡିଆ ଅଭିଯାନ୍‌କେ ତହଁକାବାର୍ ସହେତେ ଅଣୁ, କ୍ଷୁଦ୍ର ଆଉ ମଧ୍ୟମ୍ ଉଦ୍ୟୋଗୀମାନ୍‌କୁ ଇଡାର୍ ଜରିଏ ସହଯୋଗ ଦେବାର୍ ଲକ୍ଷ୍ୟ ରଖାଯାଇଛେ । ଯେନ୍‌ଥିର୍‌ଲାଗି ନିଯୁକ୍ତି କ୍ଷେତ୍ର ଭିଲ୍ ତୁର୍‌ତି ହେଇପାର୍‌ବା ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ । ମହାକାଶ୍ ବିଜ୍ଞାନ୍ ସହେତେ ଭିନ୍ ଭିନ୍ କ୍ଷେତ୍ରଥି ମହିଳାମାନେ ନୂଆଁ ଶିଖର୍‌ଥି ପୁହୁଁଚି ପାରିଛନ୍ ବଲି ଶ୍ରୀ ମୋଦୀ କହିଛନ୍ ।

(ଭଏସ୍ ଓଭର୍- ପ୍ରଧାନ୍‌ମନ୍ତ୍ରୀ)

ଇ ଅବ୍‌ସରେ ଭୁବ୍‌ନେଶ୍ୱର୍ ସି.ଏସ୍.ଆଇ.ଆର୍ - ଆଇ.ଏମ୍.ଏମ୍.ଟି. ଗବେଷଣା କେନ୍ଦ୍ର ପ୍ରେକ୍ଷାଳୟ ଠାନେ ରୋଜ୍‌ଗାର୍ ମେଲା ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି କେନ୍ଦ୍ର କର୍ପୋରେଟ୍ ବ୍ୟାପାର୍ ରାଷ୍ଟ୍ରମନ୍ତ୍ରୀ ହର୍ଷ ମଲ୍‌ହୋତ୍ରା ଯୋଗ୍ ଦେଇକରି ନୂଆଁକରି ନିଯୁକ୍ତି ପାଇଥିବା ୨ ଶହ ୫୮ ଝନ୍ ୟୁଆନ୍ ପିଲା ଟୁକେଲ୍ ମାନ୍‌କୁ ନିଯୁକ୍ତି ପତ୍ର ବାଂଟିଛନ୍ ।

ମନ୍ କି ବାତ୍        ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବାକାଏଲ୍ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୨୧ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍,

ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଇଟା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା । ଆଏବା କାଏଲ୍ ରାତିର୍ ୮ ବଜେ ଆଂଚଲିକ୍ ଭାଷାନ୍ତରଣ୍‌ର ଫେର୍‌ଘାଏ ପ୍ରସାରଣ୍ କରାଯିବା ।

ପୋପ୍ ପରଲୋକ- ରାଷ୍ଟ୍ରୀୟ ଶୋକ ପିଆଇବି/ଏକ୍ସ

ରୋମ୍‌ର ସେଂଟ୍ ମେରୀ ମେଜର ବାସିଲିକା ଠାନେ କ୍ୟାଥଲିକ୍ ଖ୍ରୀଷ୍ଟ ଧର୍ମଗୁରୁ ପୋପ୍ ଫ୍ରାନ୍‌ସିସ୍‌ଙ୍କର ଅନ୍ତିମ୍ ସକାର୍ ପ୍ରକ୍ରିୟା ଶେଷ୍ ହେଇଛେ । ଭାଟିକାନ୍ ସହରର୍ ସେଂଟ୍ ପିଟର୍ସ ଠାନେ ହେଇଥିବା ଅନ୍ତିମ୍ ସକାର୍ ସମାରୋହଥି ଭିନ୍ ଭିନ୍ ରାଷ୍ଟ୍ରମୁଖ୍ୟ ଆର୍ ପୁର୍‌ଥିର୍ ପ୍ରମୁଖ ପ୍ରତିନିଧି ମାନେ ଯୋଗ୍ ଦେଇଥିଲେ । ଅନ୍ତିମ୍ ସକାର୍ ଆଘୋନୁ ପୋପ୍‌ଙ୍କର୍ ମରଶରୀର ଭାଟିକାନ୍ ସିଟିର ସେଂଟ୍ ମେରି ମେକର କବର୍ ସ୍ଥଲ୍‌କେ ଗୁଟେ ଶୋଭାଯାତ୍ରାଥି ନିଆଯାଇଥିଲା । କଲେଜ୍ ଅଫ୍ କାର୍ଡ଼ିନାଲ୍‌ସ୍ ତର୍‌ଫୁ ଶେଷ୍ ପ୍ରାର୍ଥନା ଆର୍ ଆନୁଷ୍ଠାନିକ୍ ଭାବେ ତାଙ୍କର୍ ପାର୍ଥିବ୍ ଶରୀର୍‌କେ ଭଗ୍‌ବାନ୍‌ଙ୍କୁ ସମର୍ପି କରି କବର୍ ଦିଆଯାଇଥିଲା ।
ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍, ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ୍ ମାକ୍‌ରଁଙ୍କ ଇଥି ଯୋଗ୍

ଦେଇଥିଲେ । ଇନ ଜନେଇ ଦିଆଯାଇପାରେ ଯେ, ଗଲା ୨୧ ତାରିଖ୍ ଦିନ ପୋପ୍ ଫ୍ରାନ୍ସିସ୍ଙ୍କର୍ ୮୮ ବଛର୍ ବୟେସେ ଭାଟିକାନ ସିଟି ନ ପରଲୋକ ହେଇଥିଲା ।

ବିଶ୍ୱ ବୌଦ୍ଧିକ ସମ୍ପତି ଦିବସ ଆର୍ଏନ୍ୟୁ/ ସମ୍ବଲପୁର

'ବୌଦ୍ଧିକ ସମ୍ପତି ଆଉ ସଂଗୀତ; ବୌଦ୍ଧିକ ସମ୍ପତିର ତାଲ୍କେ ଅନୁଭବ୍ କର୍ମା' ବାର୍ତା ନେଇକରି ଆଏଜ୍ ପାଲିତ୍ ହେଇଛେ ବିଶ୍ୱ ବୌଦ୍ଧିକ ସମ୍ପତି ଦିବସ୍ । ବିଶ୍ୱ ବୌଦ୍ଧିକ ସମ୍ପତି ସଂଗଠନ୍ର ପ୍ରସ୍ତାବ୍ଥି ୨୦୦୦ ମସିହାନୁ ଫି' ବଛର୍ ଆଝିରର୍ ଦିନେ ଇ ଦିବସ୍ ପାଲନ୍ କରାଯାଉଛେ । କେନ୍ସି ସୃଜନୀର୍ ପେଟେଂଟ୍, ଟ୍ରେଡ୍ମାର୍କ, ଇଣ୍ଡଷ୍ଟ୍ରିଆଲ୍ ଡିଜାଇନ୍, କପିରାଇଟ୍ ବାବ୍ଦେ ଲୁକ୍କୁ ସଚେତନ୍ କରିକରି ନୂଆଁସୃଜନ୍କେ ତହଁକାବାର୍ ଇ ଦିବସ୍ର ମୁଖ୍ୟ ଲକ୍ଷ୍ୟ ଆଏ । ଇତାର୍ସହେତେ ଇ ସମ୍ପତିମାନ୍କର୍ ଦୁରୂପଯୋଗ୍କେ ନେଇକରି ଭିନ୍ ଭିନ୍ ଆଇନ୍ ବାବ୍ଦେ ଲୁକ୍କୁ ଜନାବାର୍ଟା ଇ ଦିବସ୍ ପାଲନ୍ର ଆର୍ଗୁଟେ ଲକ୍ଷ୍ୟ ଆଏ । ଇତାର୍ସହେତେ ନୂଆଁ ଉଦ୍ଭାବନ୍, ନୂଆଁ ବିଚାର୍କେ ତହଁକାବାର୍ ଦିଗେ ଇ ଦିବସ୍ ପାଲନ୍ ସାହାଜ୍ କର୍ସି ।

ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ /ଆର୍‌ଏନ୍‌ୟୁ
ସମ୍ବଲପୁର/ଦେବ୍‌ଗଡ଼୍/ନୂଆପଡ଼ା

ପ୍ରାଣୀମାନ୍‌କର୍ ସ୍ୱାସ୍ଥ୍ୟ ଲାଗି ସଂଗଠିତ୍ ପଦକ୍ଷେପ୍‌ର ଆବଶ୍ୟକତା ବାର୍ତା ନେଇକରି ଆଏଜ୍ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ୍ ପାଲନ୍ କରାଯାଇଛେ । ୨୦୦୧ ମସିହାନୁ ଫି’ ବଛର୍ ଆଝିରର୍ ଦିନେ ପ୍ରାଣୀମାନ୍‌କୁ ସହାନୁଭୂତି ଦେଖେଇକରି ଚିକିତ୍ସାସେବା ଯୁଗେଇ ଦେବାର୍ ଲାଗି ସାଧାରଣ୍ ଲୁକ୍‌କର୍ ଭିତ୍‌ରେ ସଚେତନତା ସୃଷ୍ଟି କର୍‌ବାର୍ ଇ ଦିବସ୍ ପାଲନ୍‌ର ମୁଖ୍ୟ ଲକ୍ଷ୍ୟ ଆଏ ।

ମୁଖ୍ୟମନ୍ତ୍ରୀ କାମ୍‌ଧେନୁ ଯୋଜ୍‌ନାଥି ରାଜ୍ୟ ସର୍‌କାର୍ ଗାଏ ଆର୍ ମଇଁଷି ପାଲନ୍ ଲାଗି ୭୦ ପ୍ରତିଶତ୍‌ତକ୍ ରିହାତି ଆଉ ଗୋମାତା ଯୋଜ୍‌ନାଥି ପ୍ରାଣୀ ସ୍ୱାସ୍ଥ୍ୟସେବାକେ ବର୍‌କସ୍ କର୍‌ବାର୍ ବ୍ୟବସ୍ଥା ରହିଛେ । ବୁଲା ଗାଈଗୋରୁମାନ୍‌କର୍ ଲାଗି ଗୋଶାଲା ଥାପ୍‌ନା ଲାଗି ୫୨ ଲାଖ୍ ଟଙ୍କାତକ୍ ସାହାଜ୍ ସର୍‌କାର୍ ଯୁଗେଇ ଦଉଛନ୍ ।

ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ କନ୍‌ଭେନ୍‌ସନ୍ ହଲ୍ ଠାନେ ରାଜ୍ୟସ୍ତରୀୟ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ୍ ପାଲିତ୍ ହେଇଯାଇଛେ । ମତ୍ସ୍ୟ ଆଉ ପ୍ରାଣୀ ସମ୍ପଦ୍ ବିକାଶ୍ ବିଭାଗ୍ ପ୍ରମୁଖ ଶାସନ୍ ସଚିବ ସୁରେଶ୍ କୁମାର୍ ବଶିଷ୍ଠ ମୁଖ୍ୟଅତିଥି

ଭାବେ ଯୋଗ୍ ଦେଇକରି ପ୍ରାଣୀମାନ୍କର୍ ସ୍ୱାସ୍ଥ୍ୟସେବା ଲାଗି ସମ୍ମିଲିତ୍ ଚେରେଷ୍ଟା ବାବ୍ଦେ ବୁଝେଇଥିଲେ । ବିଭାଗୀୟ ନିର୍ଦ୍ଦେଶକ୍ ବିଜୟ ଅମୃତା କୁଲାଙ୍ଗ ଭିନ୍ ଭିନ୍ ସର୍କାରୀ ଯୋଜ୍ନା ବାବ୍ଦେ କହିଥିଲେ । କାର୍ଯ୍ୟକ୍ରମ୍ଥି ୩ ଶହ ନୁ ଅଏତ୍କା ପ୍ରାଣୀପାଲକ୍ ଯୋଗ୍ ଦେଇଥିଲେ ।

ନୂଆପଡ଼ା ଜିଲ୍ଲା ପଂଚାୟତ୍ ସାଧନ କେନ୍ଦ୍ର ଠାନେ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ୍ ପାଲିତ୍ ହେଇଛେ । ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡାକ୍ତର୍ ଆଲୋକ କୁମାର୍ ନାଏକ୍ଙ୍କର ସଭାପତିତ୍ୱ ଜିଲ୍ଲାପାଲ୍ ମଧୁସୂଦନ୍ ଦାସ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ପ୍ରାଣୀପାଳକ ମାନ୍କର୍ ବିକାଶ୍ ଲାଗି ରହିଥିବା କେନ୍ଦ୍ର ଆଉ ରାଜ୍ୟ ସର୍କାର୍ଙ୍କର୍ ବହୁମୁଖୀ ଯୋଜ୍ନା ବାବ୍ଦେ ବୁଝେଇଥିଲେ ।

ଦେବ୍ଗଡ଼୍ ଜିଲ୍ଲା ପରିଷଦ୍ ସମ୍ମିଲନୀ କକ୍ଷ ନ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ବିଜୟ କୁମାର୍ ପାତ୍ରଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ୍ ସମାରୋହଥି ଜିଲ୍ଲାପାଲ୍ କବିନ୍ଦ୍ର କୁମାର୍ ସାହୁ, ଆରକ୍ଷୀ ଅଧିକ୍ଷକ ଅନୀଲ୍ କୁମାର୍ ମିଶ୍ର ଯୋଗ୍ ଦେଇକରି ଗୃହପାଳିତ ପ୍ରାଣୀମାନ୍କର୍ ଉତମ୍ ସ୍ୱାସ୍ଥ୍ୟ ସହେତେ ଆର୍ଥିକ୍ ଉତ୍ପାଦନ୍ ବାବ୍ଦେ କହିଥିଲେ ।

କୃଷ୍ଣଚନ୍ଦ୍ର ଗଜପତି

ସମ୍ବଲପୁର/ କଲାହାଣ୍ଡି/ ନୂଆପଡ଼ା/ ବଲାଙ୍ଗିର୍/ ଦେବ୍‌ଗଡ଼୍

ନୂଆ ଓଡ଼ିଶା ଗଠନ୍‌ର କର୍ଣ୍ଣଧାର ଆଉ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ପହେଲା ପ୍ରଧାନମନ୍ତ୍ରୀ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ୧୩୪ ତମ ଜୟନ୍ତୀ ପାଳନ୍ ଅବ୍‌ସରେ ଆଏଜ୍ ରାଜ୍ୟବାସୀ ଶ୍ରଦ୍ଧାଞ୍ଜଳି ଜନଉଛନ୍ । ଇ ଅବ୍‌ସରେ ରାଜାଙ୍କର ପୈତୃକ ଜାଗା ଗଜପତି ଜିଲ୍ଲାର ପାରଳାଖେମୁଣ୍ଡି, ରାଜଧାନୀ ଭୁବନେଶ୍ୱର ସହେତେ ରାଜ୍ୟର ଭିନ୍ ଭିନ୍ ଠାନେ ଜୟନ୍ତୀ ସମାରୋହ ମାନ୍ ଆୟୋଜନ୍ କରାଯାଇଛେ । ଭୁବନେଶ୍ୱର ଏଜି ଛକ୍‌ନ ସଖାଲ୍‌ବେଲା ମହାରାଜାଙ୍କର ପ୍ରତିମୂର୍ତିନ ମାଲ୍ୟାର୍ପଣ କରାଯାଇଥିଲା । ବିଧାନ୍‌ସଭା ପରିସର୍‌ନ ହେଇଥିବା ଜୟନ୍ତୀ ସମାରୋହଥି ବାଚସ୍ପତି ସୁରମା ପାଢ଼ୀ, ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ, ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସଙ୍କର୍ ସହେତେ ଭିନ୍ ଭିନ୍ ଦଲର୍ ବିଧାୟକ୍‌ମାନେ ଯୋଗ୍ ଦେଇଥିଲେ । ବେଲ୍‌ବୁଡ଼ାର ୬ ବଜେନୁ ଜୟଦେବ ଭବନ୍‌ଠାନେ ଚାଲିଥିବା ରାଜ୍ୟସ୍ତରୀୟ ସମାରୋହଥି ବାଚସ୍ପତି ସୁରମା ପାଢ଼ୀଙ୍କର ସହେତେ ବହୁତ୍ ବିଶିଷ୍ଟ ବ୍ୟକ୍ତି ଯୋଗ୍ ଦେଇଛନ୍ ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ- ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କୁ ଇ ଅବ୍‌ସରେ ଶ୍ରଦ୍ଧାଞ୍ଜଳି ଜନେଇଛନ୍ । ସେ କହିଛନ୍,

ଆଧୁନିକ୍ ଓଡ଼ିଶା ଗଠନ୍ ସଙ୍ଗେ ରାଜ୍ୟର୍ ପ୍ରଗତି, ଲୋକ କଲ୍ୟାଣ ଆଉ ଶିକ୍ଷା, ସାହିତ୍ୟ ଭିତ୍‌ରେ ସମାଜର ଉନ୍ନତି ଲାଗି ତାଙ୍କର ଅବଦାନ୍ ସବୁବେଲେ ତହଁକାବା ।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଭିଲ୍ ସାମାଜିକ୍ ଗଣମାଧ୍ୟମ୍ ଜରିଏ କୃଷ୍ଣଚନ୍ଦ୍ର ଗଜପତିଙ୍କୁ ଶ୍ରଦ୍ଧାଞ୍ଜଲି ଜନେଇଛନ୍ ।

ସମ୍ବଲ୍‌ପୁର୍ ଜିଲ୍ଲାପାଲ୍‌ଙ୍କର୍ ସମ୍ମିଲନୀ କକ୍ଷ ନ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କର୍ ଜୟନ୍ତୀ ସମାରୋହ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଡେପୁଟୀ କଲେକ୍ଟର୍ ଅଭିଷେକ୍ କିଷାନ୍‌ଙ୍କର୍ ସହେତେ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗ୍ ଦେଇକରି ଓଡ଼ିଆ, ଭାଷା ସଂସ୍କୃତି, ଶିକ୍ଷା, କୃଷି କ୍ଷେତ୍ରଥି ମହାରାଜାଙ୍କର୍ ଅବଦାନ୍ ବାବ୍‌ଦେ କହିଥିଲେ ।

କଲାହାଣ୍ଡି ଜିଲ୍ଲା ଭବାନୀପାଟଣା ଜିଲ୍ଲାପାଳଙ୍କର କାର୍ଯ୍ୟାଳୟଠାନେ ମହାରାଜାଙ୍କର୍ ଜୟନ୍ତୀ ପାଳିତ୍ ହେଇଛେ । ଜିଲ୍ଲାପାଳ ପାଓ୍ୱର ସଚିନ୍ ପ୍ରକାଶଙ୍କର ଅଧ୍ୟକ୍ଷତାଥି ହେଇଥିବା କାର୍ଯ୍ୟକ୍ରମ୍‌ଥି ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କର ସହେତେ ବକ୍ତା ଭାବେ ଅଧ୍ୟାପକ୍ ଆଉ ଗବେଷକ ପରମେଶ୍ୱର ମୁଣ୍ଡ ଯୋଗ୍ ଦେଇକରି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ୍ ଆଉ ସାମଗ୍ରିକ୍ ବିକାଶ ଦିଗେ ମହାରାଜାଙ୍କର ତ୍ୟାଗ୍, ଭୂମିକା ବାବ୍‌ଦେ କହିଥିଲେ ।

ନୂଆପଡ଼ା ଜିଲ୍ଲା ସଦ୍‌ଭାବନା ସଭାଗୃହନ ଜିଲ୍ଲା ପ୍ରଶାସନ ତରଫୁ ହେଇଥିବା ମହାରାଜାଙ୍କର ଜୟନ୍ତୀ ସମାରୋହଥି ଜିଲ୍ଲାପାଲ୍ ମଧୁସୂଦନ୍ ଦାସ ମୁଖ୍ୟଅତିଥି ଭାବେ ଯୋଗ୍

ଦେଇକରି ଉତ୍କଳ ପ୍ରଦେଶ୍ ଗଠନ୍ ଆଉ ଓଡ଼ିଆ ଭାଷା ସାହିତ୍ୟକେ ନେଇକରି ମହାରାଜାଙ୍କର୍ ଭଲ୍ ପାଏବାର୍‌ଟା ଅଲ୍‌ଗା ରକ୍‌ମର୍ ଥିଲା ବଲି କହିଛନ୍ ।

କାର୍ଯ୍ୟକ୍ରମ୍‌ଥି ଜିଲ୍ଲାସ୍ତରୀୟ ଅଧିକାରୀ, ଛାତ୍ରଛାତ୍ରୀ ଆଉ ବୁଦ୍ଧିଜୀବୀମାନେ ଯୋଗ୍ ଦେଇଥିଲେ ।

ବଲାଙ୍ଗିର୍ ଗାନ୍ଧୀ ଭବନ୍ ଠାନେ ହେଇଥିବା ଜୟନ୍ତୀ ସମାରୋହଥି ଡେପୁଟୀ କଲେକ୍ଟର୍ ଦେବସ୍ମିତ ମଲ୍ଲିକ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଓଡ଼ିଶା ଗଠନ୍ ଦିଗେ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କର୍ ଅବଦାନ୍ ବାବ୍‌ଦେ କହିଥିଲେ ।

ଦେବ୍‌ଗଡ୍ ଜିଲ୍ଲା ସଂସ୍କୃତି ଭବନ୍ ଠାନେ ଜିଲ୍ଲାପାଳ୍ କବୀନ୍ଦ୍ର କୁମାର୍ ସାହୁଙ୍କର୍ ସଭାପତିତ୍ୱଥି ହେଇଥିବା ଜୟନ୍ତୀ ସମାରୋହଥି ମୁଖ୍ୟଅତିଥି ଭାବେ ବିଧାୟକ୍ ରୋମାଂଚ ରଞ୍ଜନ୍ ବିଶ୍ୱାଲ୍ ଯୋଗ୍ ଦେଇକରି ମହାରାଜାଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବନେଶ୍ୱର୍ ଆଂଚଲିକ୍ ପାଣିପାଗ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ୨୪ ଘଂଟା ଭିତ୍‌ରେ ସମ୍ବଲ୍‌ପୁର୍, ଝାର୍‌ସୁଗୁଡ଼ା, ବୌଦ୍ଧ, ବଲାଙ୍ଗିର୍ ସହେତେ ରାଜ୍ୟର୍ ବଡ଼ଭାଗୀ

ଜିଲ୍ଲା ନ ଜବର୍ ଖରା ଲାଗି ରହେବା । କାଲ୍‌ବୈଶାଖୀର୍ ବଲେ ୨ ଦିନ୍ ଉତ୍‌ରୁ ତାତି ୨ ନୁ ୫ ଡିଗ୍ରୀତକ୍ କମ୍‌ବା । ଆଏବା କାଏଲ୍ ଧୁକାଗର୍ଡ଼ି ଆର୍ ଘଡ଼୍‌ଘଡ଼ି ସହେତେ ବର୍ଷା ନେଇକରି ୨୫ ଟା ଜିଲ୍ଲାକେ ପାଣିପାଗ୍ କେନ୍ଦ୍ର ସତର୍କ କରିଛେ ।

ସେଆଡ଼େ ରାଜ୍ୟର୍ ସବୁନୁ ଜହ ତାପମାତ୍ରା ଝାର୍‌ସୁଗୁଡ଼ା ନ ୪୪ ଦଶ୍‌ମିକ୍ ୭ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼ କରାଯାଇଛେ । ସେନ୍ତା ପର୍ଶ୍ଚିମ ଓଡ଼ିଶାର୍ ବଡ଼ଭାଗୀ ସହରର୍ ତାତି ୪୨ ଡିଗ୍ରୀ ଉପ୍‌ରେ ରହିଥିଲା ।